# ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର, ୨୮।୯ (ସମିସ): ଭାରତୀୟ ଅଡିଟ୍ ଏବଂ ଆକାଉଣ୍ଟସ ସର୍ଭିସେସ୍ ୱାଇଫ୍ ଆସୋସିଏସନ୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ମହାଲେଖାକାର ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମର ପୃଷ୍ଠପୋଷକ ଡ. ସ୍ମିତା ମୁର୍ମୁ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ରାଜ୍ୟର ଉପାନ୍ତ ଅଞ୍ଚଳଗୁଡ଼ିକରେ ବୃଦ୍ଧାମାନଙ୍କୁ ଶୀତବସ୍ତ୍ର, ଦିବ୍ୟାଙ୍ଗଙ୍କୁ କୃତ୍ରିମ ଅଙ୍ଗ, ଅନାଥ ଆଶ୍ରମକୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ପ୍ରକାଶ କରିବା ସହ ଆଗକୁ ଏହି କାର୍ଯ୍ୟକ୍ରମ ସମସ୍ତ ଜିଲ୍ଲାରେ କରାଯିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥିଭାବେ ମହାଲେଖାକାର ବିଶ୍ୱନାଥ ସିଂହ ଜାଡନ ଯୋଗଦେଇ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହ ସ୍ୱାସ୍ଥ୍ୟ ସଚେଚେତନା ବୃଦ୍ଧି କରିବା କାର୍ଯ୍ୟକ୍ରମର ପ୍ରମୁଖ ଲକ୍ଷ୍ୟ ବୋଲି କହିଛନ୍ତି। ଏହି ସ୍ୱାସ୍ଥ୍ୟ ଶିବିରରେ ପ୍ରଧାନ ମହାଲେଖାକାର ଅଡିଟ୍-୧, ଅଡିଟ୍-୨, ପ୍ରଧାନ ମହାଲେଖାକାର (ଏଏଣ୍ଡଇ) ଓ ପୂର୍ବତଟ ରେଳବାଇ ଅଡିଟ୍ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନେ ପ୍ରାୟ ୧୬୦ ଜଣ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ସମସ୍ତ କର୍ମଚାରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହ ଚାରାରୋପଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପ ମହାଲେଖାକାର ତାନ୍ୟା ଆମ୍ବାସ୍ତା, ସଚିନ କ୍ରିଷ୍ଣା କୌଶିକ, ସଞ୍ଜୟ କୁମାର, ବିକାଶ କୁମାର, ଶୁଭମ ସ୍ୱାମୀ, ଭୀମଳେଶ କୁମାର ଉପସ୍ଥିତ ଥିବାବେଳେ ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ବି.ବି ରାୟ, ଅରୁଣ ସେଠୀ, ଚିତ୍ରସେନ ମହାନ୍ତି, ରମାକାନ୍ତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଭୁବନେଶ୍ୱର, ୧୮।୯: ଭାରତୀୟ ଅଡିଟ୍ ଏବଂ ଆକାଉଣ୍ଟସ୍ ସର୍ଭିସେସ୍ ୱାଇଫ୍ ଆସୋସିଏସନ୍ (ଆଇଏଏଓଡବ୍ଲ୍ୟୁଏ) ଆନୁକୂଲ୍ୟରେ କେଶରୀ ନଗରସ୍ଥିତ ମହାଲେଖାକାର କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ହୋଇଯାଇଛି। ପ୍ରଧାନ ମହାଲେଖାକାର ରାଜ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏହାର ପୃଷ୍ଠପୋଷକ ଡ. ସ୍ମିତା ମୁର୍ମୁ, ସମ୍ମାନୀୟ ଅତିଥିଭାବେ ମହାଲେଖାକାର ବିଶ୍ୱନାଥ ସିଂହ ଜାଡନ ଯୋଗ ଦେଇଥିଲେ। ଡ. ମୁର୍ମୁ ଏହି ସ୍ୱାସ୍ଥ୍ୟମେଳାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ମହାଲେଖାକାର ଅଡିଟ-୧, ପ୍ରଧାନ ମହାଲେଖାକାର (ଏଆଣ୍ଡଇ), ମହାଲେଖାକାର (ଅଡିଟ୍-୨) ଏବଂ ପୂର୍ବ ତଟ ରେଳପଥ ଅଡିଟ ମହା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ଉପସ୍ଥିତ ଥିଲେ। ୧୬୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାକ୍ତର, ଟେକ୍ନିସିଆନ, ପାରା ମେଡିକାଲ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ଡ. ମୁର୍ମୁ ଓ ପ୍ରଧାନ ମହାଲେଖାକାର ରାଜ କୁମାର ସମ୍ବର୍ଦ୍ଧିତ କରିବା ସହ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ଉପ ମହାଲେଖାକାର ତାନ୍ୟା ଆମ୍ବାଷ୍ଟା, ସଚିନ କ୍ରିଷ୍ଣା କୌଶିକ, ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ଅଡିଟ ଆକାଉଣ୍ଟସ ସର୍ଭିସେସ ୱାଇଫ ଆସୋସିଏସନ

# ମାଗଣା ସ୍ୱାସ୍ଥ୍ୟ ଶିବିର



■ ଭୁବନେଶ୍ୱର, ତା୧୮।୯ (ପିଏନଏସ)

ଭାରତୀୟ ଅଡିଟ ଏବଂ ଆକାଉଣ୍ଟସ ସର୍ଭିସେସ ୱାଇଫ ଆସୋସିଏସନ ଆନୁକୂଲ୍ୟରେ କେଶରୀନଗରାସ୍ଥିତ ମହାଲେଖାକାର କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟସେବା ଦିବସ ଅନୁଷ୍ଠିତ ହୋଇଯାଇଅଛି। ପ୍ରଧାନ ମହାଲେଖାକାର ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୃଷ୍ଠପୋଷକ ଡକ୍ଟର ସ୍ମିତା ମୁର୍ମୁ, ସମ୍ମାନୀୟ ଅତିଥିଭାବେ ମହାଲେଖାକାର ବିଶ୍ୱନାଥ ସିଂହ ଜାଡନ ଯୋଗ ଦେଇଥିଲେ। ଏହି ଅବସରରେ ବୃଦ୍ଧଙ୍କୁ ଶୀତ ବସ୍ତ୍ର, ଦିବ୍ୟାଙ୍ଗଙ୍କୁ କୃତିମ ଅଙ୍ଗ, ଅନାଥ ଆଶ୍ରମର ବାଳକ ଓ ବାଳିକାଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛି ବୋଲି ଡ଼. ମୁର୍ମୁ ପ୍ରକାଶ କରିଥିଲେ।

### ଆଉଟସୋର୍ସିଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଏହି ସ୍ୱାସ୍ଥ୍ୟ ଶିବିରର ମୂଳ ଲକ୍ଷ୍ୟ କେବଳ ସ୍ୱାସ୍ଥ୍ୟ ଯାଞ୍ଚ କରିବା ନୁହେଁ ବରଂ କର୍ମଚାରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଚେତନା ଭାବନା ବିକାଶ କରିବା। ମେଡିସିନ, ଆଖି, ଚର୍ମ ଏବଂ ନାସା, କର୍ଣ୍ଣ ଓ ଗଳା ପରି ବିଭିନ୍ନ ବିଶେଷଜ୍ଞ ଡାକ୍ତର ପ୍ରାୟ ୧୬୦ ଆଉଟସୋର୍ସିଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଡାକ୍ତର, ଟେକନିସିଆନ, ପାରା ମେଡିକାଲ କର୍ମଚାରୀଙ୍କୁ ମୁଖ୍ୟ ଅତିଥି ଡ଼ ମୁର୍ମୁ ଓ ପ୍ରଧାନ ମହାଲେଖାକାର ରାଜ କୁମାର ସମ୍ବର୍ଦ୍ଧିତ କରିବା ସହ କାର୍ଯ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ମହାଲେଖାକାର ତାନ୍ୟା ଆମ୍ବାଷ୍ଟା, ସଚିନ କ୍ରିଷ୍ଣା କୌଶିକ, ସଞ୍ଜୟ କୁମାର, ବିକାଶ କୁମାର, ଶୁଭମ ସ୍ୱାମୀ, ବୀମଲେଶ କୁମାର ଉପସ୍ଥିତ ଥିଲେ।